# ପୌର ପାଳିକା କାର୍ଯ୍ୟାଳୟ : ରାଇରଙ୍ଗପୁର

ନଂ. 4430 ତା 27.12.22 ରିଖ

**୨୦୨୩-୨୪ବର୍ଷ ନିମନ୍ତେ ପ୍ରୟାସ (ପୁରୁଣା ପୋଷାକ କେନ୍ଦ୍ର) ପରିଚାଳନା ନିମନ୍ତେ ଅଭିବ୍ୟକ୍ତ ପ୍ରକାଶନ (ଏକ୍ସପ୍ରେସନ୍ ଅଫ୍ ଇଂଟରେଷ୍ଟ)**

ଏତଦ୍ଵାରା ରାଇରଙ୍ଗପୁର ପୌର ପାଳିକା ଅନ୍ତର୍ଗତ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ / ଆଂଚଳିକ ମହାସଙ୍ଘମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ରାଇରଙ୍ଗପୁର ପୌର ପାଳିକା ଅଧିନସ୍ଥ ବସ୍ ଷ୍ଟାଣ୍ଡ ଠାରେ ଥିବା ପ୍ରୟାସ (ପୁରୁଣା ପୋଷାକ କେନ୍ଦ୍ର) ପରିଚାଳନା ନିମନ୍ତେ ଅଭିବ୍ୟକ୍ତ ପ୍ରକାଶନ (ଏକ୍ସପ୍ରେସନ୍ ଅଫ୍ ଇଂଟରେଷ୍ଟ) ଆହ୍ୱାନ କରାଯାଉଅଛି । ତେଣୁ ଇଚ୍ଛୁକ ଦକ୍ଷ SHG/ALF ମାନେ ତା୨୮.୧୨.୨୦୨୨ରିଖ ଠାରୁ ତା୪.୧.୨୦୨୩ରିଖ (ଅପରାହ୍ନ ୫ଘଟିକା) ମଧ୍ୟରେ ଆବେଦନ ପତ୍ର / ଅଭିବ୍ୟକ୍ତ ପ୍ରକାଶନ ଆବଶ୍ୟକୀୟ ଦସ୍ତାବିଜ୍ ସହିତ ବନ୍ଦ / ମୁଦା ଲଫାପାରେ ରାଇରଙ୍ଗପୁର ପୌର ପରିଷଦ କାର୍ଯ୍ୟାଳୟରେ ଦାଖଲ କରିବାକୁ ଅବଗତ କରାଗଲା । ଏହି ଅଭିବ୍ୟକ୍ତ ପ୍ରକାଶନ ରାଇରଙ୍ଗପୁର ପୌର ପାଳିକା ସଭା ଗୃହରେ ତା୫.୧.୨୦୨୩ରିଖ ଦିବା ୧୧.୩୦ଘଟିକାରେ ଖୋଲାଯିବା ସ୍ଥିର କରାଯାଇଅଛି । କର୍ତ୍ତୃପକ୍ଷ ଇଚ୍ଛା କଲେ ବିନା ନୋଟିସ୍‌ରେ କୌଣସି କାରଣ ନ ଦର୍ଶାଇ ଆବେଦନ ପତ୍ର / ଅଭିବ୍ୟକ୍ତ ପ୍ରକାଶନ ରଦ୍ଦ କରି ପାରିବେ । ଏହି ପ୍ରୟାସ (ପୁରୁଣା ପୋଷାକ କେନ୍ଦ୍ର) ପରିଚାଳନା କରିବା ପାଇଁ ଯେଉଁ ସ୍ୱୟଂ ସହାୟକ ଗୋଷ୍ଠୀ/ ଆଂଚଳିକ ମହାସଙ୍ଘମାନେ ଆବେଦନ କରିବେ ସେମାନଙ୍କର ନିମ୍ନ ଲିଖିତ ଯୋଗ୍ୟତା ଓ ନଥିପତ୍ର (ଡକ୍ୟୁମେଂଟ) ଥିବା ଆବଶ୍ୟକ ।

1-ସ୍ୱୟଂ ସହାୟିକା ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘପୌରାଞ୍ଚଳ ର ହୋଇଥିବା ଆବଶ୍ୟକ।

2-ସ୍ୱୟଂ ସହାୟିକା ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘର ଏକ ସକ୍ରିୟ ବ୍ୟାଙ୍କ ଜମାଖାତା ଥିବ, ଯେଉଁଥିରେ କି ନିୟମିତ ମାସିକ ସଞ୍ଚୟ ହେଉଥିବ ।

3-ସ୍ୱୟଂ ସହାୟିକା ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘ ର ନିୟମିତ ସଭା ବିବରଣୀ ଲିପିବଦ୍ଧ ହେଉଥିବ ଏବଂ ଅନ୍ୟାନ୍ୟ ଖାତାପତ୍ର (ଅପଡେଟ୍) ଥିବ ।

4- ସ୍ୱୟଂ ସହାୟିକା ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘର ପ୍ୟାନ କାର୍ଡ ଥିବା ଜରୁରୀ ଅଟେ ।

ଏହି ପ୍ରୟାସ କେନ୍ଦ୍ର ପରିଚାଳନା ନିମନ୍ତେ ପୌର ପାଳିକା ତରଫରୁ ସର୍ବ ନିମ୍ନ ଟ.୨୦୦୦ଙ୍କା ଏବଂ ସର୍ବାଧିକ ଟ.୩୦୦୦ଙ୍କା ଦେୟ ପ୍ରଦାନ କରିବା ପାଇଁ ଧାର୍ଯ୍ୟ କରାଯାଇଅଛି । ଯେଉଁ SHG/ALF ଆବଶ୍ୟକ

ଯୋଗ୍ୟତା ଥିବା ସହ ସର୍ବନିମ୍ନ ମୂଲ୍ୟରେ ପରିଚାଳନା କରିବା ପାଇଁ ଆବେଦନ କରିବେ, ସେହି SHG/ALF ଙ୍କୁ ପରିଚାଳନା ନିମନ୍ତେ ଚୟନ କରାଯାଇ ଦାୟିତ୍ୱ ହସ୍ତାନ୍ତର କରାଯିବ । ଏହାର ଅବଧି କେବଳ ୧ବର୍ଷ ପର୍ଯ୍ୟନ୍ତ ବଳବତର ରହିବ । ଯେଉଁ SHG/ALF ପ୍ରୟାସ କେନ୍ଦ୍ର ପରିଚାଳନା ନିମନ୍ତେ ସମାନ ସର୍ବନିମ୍ନ ଦେୟ ପାଇଁ ଆବେଦନ କରିଥିବେ ସେମାନଙ୍କ ମଧରେ ଲଟେରୀ ମାଧମରେ ଚୟନ କରାଯିବ । ଯେଉଁ SHG/ALF ଧାର୍ଯ୍ୟ ହୋଇଥିବା ସର୍ବନିମ୍ନ ଦେୟରୁ କମ୍ କିମ୍ବା ସର୍ବାଧିକ ଦେୟରୁ ଅଧିକ ଦେୟ ଉଲ୍ଲେଖ କରି ଆବେଦନ କରିଥିବେ ସେମାନଙ୍କ ଅଭିବ୍ୟକ୍ତି ପ୍ରକାଶନ ତଥା ଆବେଦନ ପତ୍ର ରଦ୍ଦ କରାଯିବ । ଚୟନ ହୋଇଥିବା SHG/ALF କାର୍ଯ୍ୟାଳୟ ଦ୍ୱାରା ପ୍ରଦତ ଚୁକ୍ତିପତ୍ର ସଂପାଦନ କରି ଏକ ବର୍ଷ ପାଇଁ କାର୍ଯ୍ୟାଳୟ ତତ୍ୱାବଧାନରେ ପ୍ରୟାସ କେନ୍ଦ୍ର ପରିଚାଳନା କରିବେ ଏବଂ ପରିଚାଳନା ସମୟରେ କରାଯାଇଥିବା ଚୁକ୍ତିର ଅବମାନନା କଲେ ସେମାନଙ୍କର ଅନୁମତି ପତ୍ର କର୍ତ୍ତୃପକ୍ଷ ରଦ୍ଦ କରିପାରିବେ ।

ନିର୍ବାହୀ ଅଧିକାରୀ
ରାଇରଙ୍ଗପୁର ପୌର ପରିଷଦ

ପରିପତ୍ର 5431 ତା 27.12.22

ଏହାର ଏକକିତା ନକଲ ALF / CLF ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ରାଇରଙ୍ଗପୁର ପୌର ପରିଷଦ

ପରିପତ୍ର 5432 ତା 27.12.22.

ଏହାର ଏକକିତା ନକଲ ଉପଜିଲ୍ଲାପାଳ, ବାମନଘାଟୀ, ରାଇରଙ୍ଗପୁର/ ତହସିଲଦାର, ରାଇରଙ୍ଗପୁର / ଉପଖଣ୍ଡ ଚିକିତ୍ସାଧିକାରୀ, ରାଇରଙ୍ଗପୁର/ଭାରପ୍ରାପ୍ତ ଅଧିକାରୀ,ରାଇରଙ୍ଗପୁର ଥାନା/କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପୂର୍ତ୍ତ ବିଭାଗ, ରାଇରଙ୍ଗପୁର/ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ, ରାଇରଙ୍ଗପୁର / ପୋଷ୍ଟ ମାଷ୍ଟର, ରାଇରଙ୍ଗପୁରଙ୍କୁ ତାଙ୍କ ନୋଟିସ ବୋର୍ଡରେ ପ୍ରଚାର ପାଇଁ ଅନୁରୋଧ କରାଗଲା ।
ଏହାର ଏକକିତା ନକଲ ପୌରାଧକ୍ଷ / ଉପାଧକ୍ଷା / ସମସ୍ତ ପାରିଷଦ ବୃନ୍ଦଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଝୁଲା ଗଲା ଏବଂ ଶ୍ରୀ ନିଳକଣ୍ଠ ବିଶ୍ୱାଳ, ଏମ୍.ଆଇ.ଏସ୍. ଙ୍କୁ ରାଇରଙ୍ଗପୁର ପୌର ପରିଷଦର ୱେବ୍ ସାଇଟ୍‌ରେ ପ୍ରକାଶନ ନିମନ୍ତେ ନିର୍ଦ୍ଦେଶ ଦିଆଗଲା ।

ଏହାର ଏକକିତା ନକଲ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଝୁଲା ଗଲା

ନିର୍ବାହୀ ଅଧିକାରୀ
ରାଇରଙ୍ଗପୁର ପୌର ପରିଷଦ

ପ୍ରାପ୍ତେଷୁ,

ନିର୍ବାହୀ ଅଧିକାରୀ

ରାଇରଙ୍ଗପୁର ପୌରପାଳିକା

**ବିଷୟ:** ବସ୍ ଷ୍ଟାଣ୍ଡ ଠାରେ ଥିବା ପ୍ରୟାସ (ପୁରୁଣା ପୋଷାକ କେନ୍ଦ୍ର) ପରିଚାଳନା ନିମନ୍ତେ ଅଭିବ୍ୟକ୍ତ ପ୍ରକାଶନ

ମହାଶୟ/ମହାଶୟା ,

ଏତଦଦ୍ୱାରା ଆପଣଙ୍କୁ ଜଣାଇ ଦେଉଛୁ କି, ଆମ୍ଭେ ____________________ସ୍ୱୟଂ ସହାୟକ ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘ , ଠିକଣା:______________________________, ୱାର୍ଡ _______,______________ (ବସ୍ଷ୍ଟାଣ୍ଡ ଠାରେ ଥିବା ପ୍ରୟାସ (ପୁରୁଣା ପୋଷାକ କେନ୍ଦ୍ର)ର ପରିଚାଳନା ଦାୟିତ୍ୱ ନେବା ପାଇଁ ଇଚ୍ଛୁକ ଅଟୁ । ଏଥି ପାଇଁ ଆବଶ୍ୟକୀୟ ସମସ୍ତ କାଗଜ ପତ୍ର ସହ ପରିଚାଳନା ବାବଦକୁ ଆବଶ୍ୟକୀୟ ଦେୟ ଉଲ୍ଲେଖ କରୁଅଛୁ ।

| SHG/ALF ର ନାମ | ୱାର୍ଡ ନଂ. | ପ୍ରୟାସ (ପୁରୁଣା ପୋଷାକ କେନ୍ଦ୍ର) ପରିଚାଳନା ନିମନ୍ତେଆବଶ୍ୟକୀୟ ଦେୟ |
|---|---|---|
| | | |

ସଭାପତିଙ୍କ ମୋହର ସହିତ ସ୍ୱାକ୍ଷର:

ସମ୍ପାଦକଙ୍କ ମୋହର ସହିତ ସ୍ୱାକ୍ଷର:

ତାରିଖ: